# ଧାନ ଫସଲର ମୁଖ୍ୟ ରୋଗପୋକ



କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

# ଧାନ ଫସଲର ମୁଖ୍ୟ ରୋଗ ଓ ପୋକ

ଧାନ ଓଡ଼ିଶାର ମୁଖ୍ୟ ଫସଲ । ଆମ ରାଜ୍ୟରେ ଖରିଫ୍ ଋତୁରେ ପ୍ରାୟ ୪୧ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଏ । ଆମ ରାଜ୍ୟର ଜଳବାୟୁ ଧାନ ଚାଷ ପାଇଁ ବେଶ୍ ଅନୁକୂଳ ହେଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉତ୍ପାଦକତା ଓ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ଜାତୀୟ ସ୍ତର ଠାରୁ ଯଥେଷ୍ଟ ପଛରେ ରହିଛି । ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ସାଙ୍ଗକୁ ରୋଗ ପୋକର ପ୍ରାଦୁର୍ଭାବ ଯୋଗୁଁ ଚାଷୀଭାଇମାନେ ଧାନର ଅମଳ ହାର ବଢାଇ ପାରୁ ନାହାନ୍ତି । ସେଥିପାଇଁ ଧାନର ମୁଖ୍ୟ ଅନିଷ୍ଟକାରୀ ରୋଗପୋକକୁ ଚିହ୍ନି ଏହାର ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ଗ୍ରହଣ କଲେ ଚାଷୀଭାଇମାନେ ଧାନର ଅମଳ ବୃଦ୍ଧି କରିପାରିବେ ।

## ଧାନ ଫସଲର

### ମୁଖ୍ୟ ପୋକ

ଲେଡ଼ା ପୋକ

ମାଟିଆଗୁଣ୍ଡି ପୋକ

ହଳଦିଆ କାଣ୍ଡବିନ୍ଧା ପୋକ

ପତ୍ରମୋଡ଼ା ପୋକ

ସବୁଜ ପତ୍ରଡିଆଁ ପୋକ

ନଳୀ ପୋକ

ଗନ୍ଧି ପୋକ

ବିରୀହା ପୋକ

ଦହିଆ ପୋକ

କେଣ୍ଡାକଟା ପୋକ

### ମୁଖ୍ୟ ରୋଗ

ମହିଷା ରୋଗ

ପତ୍ରପୋଡା ରୋଗ

ପତ୍ରାଚ୍ଛାଦପୋଡ଼ା ରୋଗ

ପତ୍ରାଚ୍ଛାଦସଢ଼ା ରୋଗ

ପତ୍ରଚିତା ରୋଗ

ସାଆରା ରୋଗ

ମୂଳସଢ଼ା ରୋଗ

# ପୋକ

## (୧) ଲେଡ଼ା ପୋକ

ଖରିଫ୍ ଋତୁରେ ଧାନ ଫସଲରେ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଲେଡ଼ା ପୋକ ସାଧାରଣତଃ ବହୁଳ ପରିମାଣରେ ଦେଖାଯାଏ। ଶୂକଗୁଡ଼ିକ ରାତିରେ ଖୁବ୍ ଚଳଚଞ୍ଚଳ ଓ ଦିନରେ ଫସଲ ଓ ଫାଟ ମଧ୍ୟରେ ଲୁଚି ରହନ୍ତି । ଗଛରୁ ପତ୍ର ଖାଇଯାନ୍ତି । ତଳିରେ ଲାଗିଲେ ବହୁତ କ୍ଷତି କରି ଦିଅନ୍ତି ଓ ଆକ୍ରାନ୍ତ ଜମି ଗୋରୁ ଚରିଲା ପରି ଜଣାଯାଏ । ବୟସ୍କ ପୋକ ବାଦାମୀ ଧୂଷର ରଙ୍ଗର, ଆଗ ଡେଣାରେ କଳା ବିନ୍ଦୁ ରହିଥାଏ ଓ ପଛ ଡେଣା ଧଳା ଓ ଧୂଷର ରଙ୍ଗ । ପତ୍ର ଉପରେ ଅଣ୍ଡା ଦିଏ ଓ ଚୂଳ ଘୋଡ଼ାଇ ଦେଇଥାଏ । ଶୂକ ଧୂଷର ରଙ୍ଗର ଓ ଦେହ କଡ଼ରେ ଗାରମାନ ଥାଏ ।







## (୨) ମାଟିଆଗୁଣ୍ଡି ପୋକ

ଏହା ଏକ ଶୋଷକ ଶ୍ରେଣୀୟ ପୋକ । ଉଭୟ ବୟସ୍କ ପୋକ ଓ ଅର୍ଭକ (ଛୁଆ) ଅଧିକ ସଂଖ୍ୟାରେ ଆସି ଫସଲରୁ ରସ ଶୋଷି ଖାଇବା ଯୋଗୁଁ ଗଛ ପ୍ରଥମେ ହଳଦିଆ ପଡ଼ିଯାଏ, ପରେ ପରେ ଶୁଖିଯାଏ । ହିଡ଼ରୁ ଥାଇ ଦେଖିଲେ କିଆରୀରେ ମଳା ମଳା ହୋଇ ପାଣି ଥିଲେ ମଧ୍ୟ ଧାନ ପୋଡ଼ି ଯାଇଥିବାର ଦେଖାଯାଏ । ଏହି ମଳାଗୁଡ଼ିକ ଧୀରେ ଧୀରେ ଯୋଡ଼ି ହୋଇ ପୁରା କିଆରୀଟି ଜଳିଗଲା ଭଳି ଦେଖାଯାଏ । ଏହାକୁ ''ହପର ପୋଡ଼ା'' ବୋଲି କୁହାଯାଏ । ଅର୍ଭକ ଓ ବଡ଼ ପୋକ ଦେଖିବାକୁ ମାଟିଆ ରଙ୍ଗ । ଫୁଲ ଉଡ଼େଇବା ଆଗରୁ ଛୋଟ ଡେଣା ଥିବା ମାଟିଆଗୁଣ୍ଡି ପୋକ ଦେଖାଯାନ୍ତି ଓ ପରେ ପରେ ଲମ୍ବ ଡେଣା ଥିବା ପୋକମାନେ ଅଧିକ ଦେଖାଯାନ୍ତି ଓ ଏମାନେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଉଡ଼ିଯାଇ ପାରନ୍ତି ।

ମାଟିଆଗୁଣ୍ଡି ପୋକ ସହିତ ଆହୁରି ଏକ ପିଠି ଧଳା ଥିବା ଗୁଣ୍ଡି ପୋକ ଦେଖାଯାଆନ୍ତି । ଏମାନଙ୍କୁ ଧଳାପିଠିଆ ଗୁଣ୍ଡି ପୋକ ବୋଲି କୁହାଯାଏ । ଏମାନେ ମଧ୍ୟ ମାଟିଆଗୁଣ୍ଡି ପୋକ ଭଳି ଗଛରୁ ରସ ଶୋଷଣ କରିଥାଆନ୍ତି । ଅର୍ଭକଗୁଡ଼ିକ ଧଳା କିମ୍ବା ଧୂଷର ଏବଂ ବୟସ୍କ ପୋକର ପିଠି ଉପରେ ଧଳା ପଟିଟିଏ ଥାଏ ।



## (୩) ହଳଦିଆ କାଣ୍ଡବିନ୍ଧା ପୋକ

ଏହି ପୋକର ଶୂକ କାଣ୍ଡ ମଧ୍ୟରେ ପଶି ଚୋବେଇ ଖାଇଥାଏ । ଫଳରେ ଖାଦ୍ୟ ସମ୍ବାହକ ନଳୀ ନଷ୍ଟ ହୋଇଯାଏ । ତଳି ଓ ପିଲ ଅବସ୍ଥାରେ ଏହାକୁ ''ମଲା ମଞ୍ଜ'' ବୋଲି କୁହାଯାଏ । କେଣ୍ଡା ବାହାରିବା ଅବସ୍ଥାରେ ଏହି ପୋକ ଖାଇଲେ ଧାନରେ ମଲା କେଣ୍ଡା ବାହାରିଥାଏ । ଏଥିରେ ଧାନ ହୁଏ ନାହିଁ । ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ । ଏହାକୁ ''ଧଳାକେଣ୍ଡା'' ବା ''ବଗପକ୍ଷୀଆ'' ବୋଲି କୁହାଯାଏ । ବଡ଼ ମାଈ ପୋକଟିର ଆଗ ଡେଣା ଦୁଇଟି ହଳଦିଆ ଦେଖାଯାଏ ଓ ଆଗ ଡେଣାର ଦୁଇପଟେ ଦୁଇଗୋଟି କଳାବିନ୍ଦୁ ରହିଥାଏ । ଅଣ୍ଡିରା ପୋକର ଡେଣାରେ ଧୂଷର ରଙ୍ଗର ଅନେକ ଛୋଟ ବିନ୍ଦୁ ରହିଥାଏ । ମାଈ ପୋକ ପତ୍ର ଅଗରେ ମେଞ୍ଚାକୁ ମେଞ୍ଚା ଅଣ୍ଡା ଦେଇଥାଏ ଓ ଏହା ଗୁଚ୍ଛ ଚୂଳରେ ଘୋଡ଼ା ହୋଇ ରହିଥାଏ । ଶୂକଗୁଡ଼ିକ ରେଶମୀ ସୂତାରେ ଝୁଲି ସେହି ଗଛ ବା ଅନ୍ୟ ଗଛକୁ ପବନରେ ସ୍ଥାନାନ୍ତରିତ ହୋଇଥାଆନ୍ତି । ବଢ଼ିଲା ଶୂକ ଦେଖିବାକୁ ହଳଦିଆ ଧଳା ଏବଂ ମୁଣ୍ଡ ଧୂଷର । ଏହା ବାହାରିଯିବା ପାଇଁ ଗଛ ମୂଳରେ ଏକ ଗାତ କରି ଗଛ ମଧ୍ୟରେ ଏକ ଧଳା ଖୋଷା କରି ରହେ ।



ଗାରିଗାରିଆ କାଣ୍ଡବିନ୍ଧା ପୋକ ମଧ୍ୟ ଏହି ଭଳି କ୍ଷତି କରେ । ବୟସ୍କ ପୋକଟି ଫିକା ହଳଦିଆ ରଙ୍ଗର ଏବଂ ଶୂକଟି ଫିକା ହଳଦିଆ ରଙ୍ଗ ଏବଂ ଏହା ଉପରେ ଏକ ସ୍ପଷ୍ଟ ପଟି ଦେଖାଯାଏ । ପାଟଳ କାଣ୍ଡବିନ୍ଧା ପୋକ ନଡ଼ା ରଙ୍ଗର ଏବଂ ପଛ ଡେଣା ଧଳା ଦିଶେ । ଶୂକ ଅଳତା ରଙ୍ଗର ଏବଂ ମୁଣ୍ଡ ସାମାନ୍ୟ ଧୂଷର ରଙ୍ଗର ହୋଇଥାଏ ।



## (୪) ପତ୍ରମୋଡ଼ା ପୋକ




ଶୂକ ପତ୍ରକୁ ଉପରୁ ତଳକୁ କିମ୍ବା ଦୁଇଟି ପତ୍ରକୁ ମୋଡ଼ି ଦେଇ ତା' ମଧ୍ୟରେ ରହି ସବୁଜ ଅଂଶ କୋରି ଖାଇଥାଏ । ଫଳରେ ପତ୍ରରେ ଲମ୍ବଭାବରେ ଧଳା ଧଳା ପଟି ଦେଖାଯାଏ । ପତ୍ର ମୋଡ଼ାରେ ଶୂକର ମଳ ପଡ଼ିଥିବାର ଦେଖାଯାଏ । ଅଧିକ ଆକ୍ରାନ୍ତ ପତ୍ର ପୋଡ଼ାଳିଆ ଦିଶେ । ବୟସ୍କ ପୋକ ଦେଖିବାକୁ କମଳା ଧୂଷର ରଙ୍ଗର । ଡେଣା ଧାରରେ ଢେ଼ଉ ଢେ଼ଉକା ବହୁତ କଳା ପଟି ଦେଖାଯାଏ । ଶୂକଗୁଡ଼ିକ ଫିକା ସବୁଜ ରଙ୍ଗର, ସ୍ୱଚ୍ଛ ଓ ଖୁବ୍ କ୍ଷୀପ୍ର ।

## (୫) ସବୁଜ ପତ୍ର ଡିଆଁ ପୋକ

ଅର୍ଭକ ଓ ବୟସ୍କ ପୋକ ପତ୍ରରୁ ରସ ଶୋଷଣ କରିଥାନ୍ତି ଏବଂ କମ୍ ଦିନିଆ ଫସଲକୁ ଆକ୍ରମଣ କରିଥାଆନ୍ତି । ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡ଼କୁ ଫିକା ହଳଦିଆ ହୋଇ ପରେ ଧୂଷର ପଡ଼ିଯାଏ । ପୋକଗୁଡ଼ିକ ଛୋଟ, ଡେଇଁଥାନ୍ତି ଓ ପତ୍ର ଉପରେ କଣେଇ କଣେଇ ଚାଲନ୍ତି । ବୟସ୍କ ପୋକ ସବୁଜ ରଙ୍ଗର ଓ ଡେଣାରେ କଳା ବିନ୍ଦୁ ଓ କଳା ପଟି ଥାଏ । ଏମାନେ ‘‘ଟୁଙ୍ଗ୍ରୋ ଭୂତାଣୁ’’କୁ ସଂକ୍ରମଣ କରିବାରେ ସାହାଯ୍ୟ କରିଥାନ୍ତି ।





## (୬) ନଳୀ ପୋକ

ଶୂକ ପତ୍ରର ଅଗକୁ କାଟି ଖୋଳ ବା ନଳୀ ତିଆରି କରି ତା’ ମଧ୍ୟରେ ଲୁଚି ରହେ । ଏହି ନଳୀଗୁଡ଼ିକ ପତ୍ରଧାରରୁ ଓହଳିଥାଏ କିମ୍ବା ପାଣିରେ ଭାସୁଥାଏ । ଶୂକ ଭୂମି ସହ ସମାନ୍ତରଭାବେ ସବୁଜ ଅଂଶ ଖାଇ ଦେବାରୁ ସିଡ଼ି ପାହାଚ ଭଳି ଦେଖାଯାଏ । ବୟସ୍କ ପୋକ ଛୋଟ ଓ ସୂକ୍ଷ୍ମ ଦିଶେ । ଏହାର ଡେଣା ଧଳା ଦିଶେ ଓ ଫିକା ଧୂଷର ବିନ୍ଦୁ ଥାଏ । ଶୂକ ଫିକା ସବୁଜ ଓ ମୁଣ୍ଡ କମଳା ରଙ୍ଗ ହୋଇଥାଏ ।





## (୭) ଗନ୍ଧି ପୋକ



ଉଭୟ ଅର୍ଭକ ଓ ବୟସ୍କ ପୋକ ଧାନ କ୍ଷୀର ଖାଇବା ବେଳେ ରସ ଶୋଷି ଥାଆନ୍ତି । ଫଳରେ ଧାନ ଲୋଚାକୋଚା ଓ ଅଗାଡ଼ି ହୋଇଥାଏ । ଶୁଣ୍ଢ ପୁରାଇ ଖାଇବା ଜାଗାରେ ଧାନରେ ଗୋଟିଏ କଳାଦାଗ ଦେଖାଯାଏ । ଗନ୍ଧି ପୋକଗୁଡ଼ିକ ଲମ୍ବାଳିଆ ଓ ସେମାନଙ୍କର ବଡ଼ ଶୃଙ୍ଗିକା ଓ ଗୋଡ଼ ଥାଏ । ଅର୍ଭକଗୁଡ଼ିକ ସବୁଜ ଧୂଷର ଓ ବୟସ୍କ ପୋକ ହଳଦିଆ ସବୁଜ । ପୋକ ଦେହରେ ହାତ ମାରିଲେ ଉତ୍କଟ ଗନ୍ଧ ବାହାରେ ।



## (୮) ବିରିହା ପୋକ



ଭୃଙ୍ଗ ଚିକ୍କଣ ନୀଳ ଓ କଳା ରଙ୍ଗର । ଦେହ କଳା ରଙ୍ଗର ଓ କଣ୍ଟା କଣ୍ଟା ଦିଶେ । ଶାବକ ପତ୍ର ଉପରେ ସୁଡ଼ଙ୍ଗୀ କରି ଖାଏ ଓ ବଡ଼ ପୋକ ଖାଇବା ଦ୍ୱାରା ସମାନ୍ତରାଳ ଧଳା ଗାର ସୃଷ୍ଟି ହୁଏ । ପୋକ ଅତ୍ୟଧିକ ଖାଇବା ଦ୍ୱାରା ‘‘ ହପର ପୋଡ଼ା’’ ଭଳି ଦେଖାଯାଏ । ଏହି ପୋକ ପତ୍ର ଉପରେ ଖୋଷାବସ୍ଥା ସମାପନ କରେ ।

## (୯) ଦହିଆ ପୋକ



ଏହାକୁ ‘‘ଚୂର୍ଣ୍ଣ ପୃଷ୍ଠ’’ ପୋକ ବୋଲି ମଧ୍ୟ କୁହାଯାଏ । ମରୁଡ଼ି ଯୋଗୁଁ ଅନୁଭୂତ ହେଉଥିବା ଶୁଖିଲା ପାଗରେ ଦହିଆ ପୋକ ଅଧିକ ଦେଖାଯାନ୍ତି । ଯେଉଁ କିଆରୀରେ ପାଣି ଥାଇ କିମ୍ବା ସ୍ଥାନ ଶୁଖିଲା ଥାଏ, ଏମାନେ ଅରା ଅରା ଭାବେ ଧାନ ଗଛରେ ଲାଗି କ୍ଷତି କରନ୍ତି । ସାଧାରଣତଃ ଏହାକୁ ମୁଣ୍ଡା ମାରିବା ବୋଲି କୁହାଯାଏ । ମାଆ ପୋକ ୨୦୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ୧୭ ରୁ ୩୭ ଦିନ ମଧ୍ୟରେ ଜୀବନ କାଳ ଶେଷ କରେ । ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ ପୋକ ଗଛର ରସ ଶୋଷି ଖାଆନ୍ତି । ଗଛ

ଭଲ ବଢ଼ିପାରେ ନାହିଁ । ଆକ୍ରାନ୍ତ ଗଛ ହଳଦିଆ ପଡ଼ିଯାଏ । ପତ୍ର ମୋଡ଼ି ହୋଇ ସେଥିରୁ ଅଗାଡ଼ିଆ କେଣ୍ଡା ବାହାରେ କିମ୍ବା କେଣ୍ଡା ଆଦୌ ବାହାରି ପାରେ ନାହିଁ । ଆକ୍ରାନ୍ତ ଧାନ ଗଛ ଦବି ଯାଏ ଓ ମରିଯାଏ । ମାଈ ପୋକ ଗୁଡ଼ିକ ଡେଣା ବିହୀନ, ମାଂସଳ ଓ ପାଟଳ ରଙ୍ଗଯୁକ୍ତ ଅଟନ୍ତି । ଏମାନଙ୍କ ଶରୀର ଧଳା ରଙ୍ଗଯୁକ୍ତ ଅଠାଳିଆ ପଦାର୍ଥ ଦ୍ୱାରା ଢ଼ାଙ୍କି ହୋଇ ରହିଥିବାରୁ ଏଗୁଡ଼ିକ ଦେଖିବାକୁ ଧଳା ମନେହୁଏ ।

## (୧୦) କେଣ୍ଡାକଟା ପୋକ

ଧାନ ଫସଲରେ ସବୁବେଳେ ଦେଖାଗଲେ ମଧ ଅନିୟମିତ ଭାବେ ବେଳେ ବେଳେ ବହୁ ସଂଖ୍ୟାରେ ଦେଖାଦେଇ ଏହି ପୋକ ଧାନ ଫସଲର ବିଶେଷ କ୍ଷତି କରିଥାନ୍ତି । ମାଆ ପୋକ ପତ୍ରାଚ୍ଛାଦ ମୂଳ ଏବଂ କାଣ୍ଡର ମଧ ଭାଗରେ ୫୦୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଶୂକମାନେ ଦିନରେ ଧାନ ବୁଦା ମୂଳରେ କିମ୍ବା ମାଟି ଭିତରେ ଲୁଚି ରହନ୍ତି । ରାତିରେ ସକ୍ରିୟ ହୋଇ ଧାନ ପତ୍ର ଖାଇବା ସଙ୍ଗେ ସଙ୍ଗେ କେଣ୍ଡା କାଟି ଦିଅନ୍ତି । ଧାନ ଗଛ ମୂଳରେ ପଡ଼ିଥିବା ମଳରୁ ଏମାନଙ୍କ ସ୍ଥିତି ସମ୍ବନ୍ଧରେ ଜାଣି ହୁଏ । ଏକ ମାସ ମଧରେ କୋଷା ଅବସ୍ଥାରେ ଧାନ ଗଛ ମୂଳରେ ରହନ୍ତି । ୭ ଦିନ ମଧରେ କୋଷା ମଧରୁ ପୂର୍ଣ୍ଣାଙ୍ଗ ଶଳଭ ବାହାରି ଉଡ଼ିଯାଏ । ବର୍ଷକୁ ୫ଟି ପିଢ଼ି ସଂପନ୍ନ କରନ୍ତି ।





## ରୋଗ

## (୧) ମହିଷା ରୋଗ

ଫସଲର ସବୁ ଅବସ୍ଥାରେ ମହିଷା ରୋଗ ଦେଖାଯାଉଥିଲେ ମଧ ତଳି, ପିଲ ଦେବା ଓ କେଣ୍ଡା ବାହାରିବା ଅବସ୍ଥାରେ ଅଧିକ ଦେଖାଯାଏ । ଏହା ତିନୋଟି ଅବସ୍ଥାରେ ହୋଇଥାଏ ।

- ***ପତ୍ରରେ ମହିଷା ରୋଗ :*** ପତ୍ରରେ ଟାକୁଡ଼ି ଭଳି କିମ୍ବା ଆଖି ଆକୃତିର ଦାଗ ଦେଖାଦିଏ । ଏହାର ମଝି ଅଂଶ ଚଉଡ଼ା ଓ ଦୁଇ ମୁଣ୍ଡ ସରୁଆ । ଚାରିପାଖ ଧୂସର ରଙ୍ଗ ହୋଇଥିବା ବେଳେ ମଝି ଅଂଶ ପାଉଁଶିଆ ଦେଖାଯାଏ । ଅନେକ ଗୁଡ଼ିଏ ଦାଗ ମିଶିଯାନ୍ତି, ଫଳରେ ପୁରା ପତ୍ରଟି ଝାଉଁଳି ଯାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ ସମ୍ପୂର୍ଣ୍ଣ ଫସଲ ପୋଡ଼ାଳିଆ ଦେଖାଯାଏ ।
- ***ଗଣ୍ଠି ମହିଷା :*** ଫସଲର ଗଣ୍ଠି ଜାଗା କଳା ଦିଶେ ଓ ଭଙ୍ଗୁର ହୋଇଯାଏ । ଫଳରେ ସେହି ଗଣ୍ଠିରୁ ଗଛ ଭାଙ୍ଗିଯାଏ ।
- ***ଗଳା ମହିଷା :*** କେଣ୍ଡା ତଳ ଅଂଶରେ ଧୂଷରରୁ କଳା ରଙ୍ଗର ଦାଗ ଦେଖାଯାଏ । ଗଳା ଚାପିଯିବା ଫଳରେ କ୍ଷତ ହୋଇଥାଏ । ଏହି ଠାରୁ କେଣ୍ଡାଟି ଭାଙ୍ଗିପଡ଼େ । ଗଳା ମହିଷା ଦ୍ୱାରା କେଣ୍ଡା ସଅଳ ଆକ୍ରାନ୍ତ ହେଲେ ଦାନା ଫମ୍ପା ହୁଏ, ପରେ ହେଲେ ଦାନା ଭର୍ତ୍ତି ଥାଏ ।





## (୨) ପତ୍ରପୋଡ଼ା ରୋଗ

ପତ୍ରର ଉଭୟ ପଟରେ ହଳଦିଆରୁ ନଡ଼ା ରଙ୍ଗର ଦାଗ ଦେଖା ଦିଏ । ଏହା ଅଗରୁ ତଳକୁ ମାଡ଼ିଯାଏ ଓ ଢ଼େଉ ଢ଼େଉକା ଦେଖାଯାଏ । ଫସଲର ଫୁଲ ଅବସ୍ଥାରେ ପତ୍ରପୋଡ଼ା ଅଧିକ ହୋଇଥାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ ପତ୍ର ଧୂଷର ବର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ମୋଡ଼ିହୋଇଯାଏ, ଖସି ପଡ଼େ ଓ ପିଲ ଝାଉଁଳି ଯାଏ । ଆକ୍ରାନ୍ତ କାଣ୍ଡଟି ମଧ୍ୟ ନଷ୍ଟ ହୋଇଯାଏ । ଏହାକୁ ‘‘କ୍ରେସେକ’’ ଅବସ୍ଥା ବୋଲି କୁହାଯାଏ ।





## (୩) ପତ୍ରାଚ୍ଛାଦ ପୋଡ଼ା ରୋଗ

ପ୍ରଥମେ ଏହି ରୋଗ ଗଛକୁ ପାଣି ଲାଗିବା ସ୍ଥାନରେ ବାହାର ପତ୍ରାଚ୍ଛାଦରେ ଦେଖା ଦିଏ । ଡିମ୍ବାକୃତି ସବୁଜ ରଙ୍ଗର ଦାଗ ଦେଖାଦିଏ, ପରେ ଧଳା ହୁଏ ଏବଂ ବେଳେ ବେଳେ ପତ୍ର ଫଳକ ପର୍ଯ୍ୟନ୍ତ ଲମ୍ବିଯାଏ । ସମ୍ପୂର୍ଣ୍ଣ ପତ୍ରାଚ୍ଛାଦ ସଢ଼ିଯାଏ ଏବଂ ପତ୍ରକୁ ସହଜରେ ଟାଣି ବାହାର କରି ହୁଏ । ଆକ୍ରାନ୍ତ ଅଂଶରେ ଧଳା ବା ଧୂସର ରଙ୍ଗର କବକ ରେଣୁ ଦେଖାଯାଏ । ଗଛ ଦବିଯାଏ ଓ ଦାନା ପୂରଣ ଠିକ୍ ଭାବରେ ହୁଏ ନାହିଁ ।





## (୪) ପତ୍ରାଚ୍ଛାଦ ସଢ଼ା ରୋଗ



ଥୋଡ଼ ପତ୍ର ବାହାରିବାର ଶେଷ ଅବସ୍ଥାରେ ଏହି ରୋଗ ଦେଖାଯାଏ । ଥୋଡ଼ ପତ୍ରରେ ଏହି ରୋଗର ଲକ୍ଷଣ ଭାବେ ଆୟତାକୃତି ବା ଅନିୟମିତ ଦାଗ ଦେଖାଦିଏ, ଯାହାର ମଝି ଅଂଶ ଧୂଷର ଓ ଧାର ବାଦାମୀ ରଙ୍ଗ ହୋଇଥାଏ କିମ୍ବା ଦାଗର ସମ୍ପୂର୍ଣ୍ଣ ଅଂଶ ଧୂଷର ବାଦାମୀ ଦେଖାଯାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ କେଣ୍ଡା ଆଂଶିକ ଭାବେ ଖୋଲିଥାଏ । ଖୋଲି ନ ଥିବା କେଣ୍ଡା ସଢ଼ିଯାଏ । ଆଂଶିକ ଖୋଲା କେଣ୍ଡାରେ ଦାନା ଧରେ ନାହିଁ । ଧଳା କବକର ଗୁଣ୍ଡ ପତ୍ରାଚ୍ଛାଦ ମଧ୍ୟରେ ଭର୍ତ୍ତି ହୋଇଥିବାର ଦେଖାଯାଏ ।

## (୫) ପତ୍ରଚିତା ରୋଗ



ଏହି ରୋଗ ପତ୍ର, ପତ୍ରାଚ୍ଛାଦ ଓ ଧାନରେ ଦେଖାଯାଏ । ପତ୍ରରେ ଗୋଟିଏ ବିନ୍ଦୁଠାରୁ ଆରମ୍ଭ କରି ଗୋଲାକାର ବା ଡିମ୍ବାକୃତି ଦାଗ ଦେଖାଯାଏ ଏବଂ ବାଦାମୀରୁ କଳାବାଦାମୀ ରଙ୍ଗର ହୋଇଥାଏ । ବେଳେବେଳେ ଫିକା ହଳଦୀ ରଙ୍ଗର ଦାଗ ଚାରିପଟେ ରହିଥିବାର ଦେଖାଯାଏ । ଧାନରେ କଳାଦାଗ ଦେଖାଯାଏ ଏବଂ ଅତ୍ୟଧିକ ଆକ୍ରାନ୍ତ ହେଲେ ପୁରା ଧାନରେ କଳା ବାଦାମୀ ରଙ୍ଗର ମୁଲାୟାମ ସ୍ତର ଦେଖାଯାଏ ଯେଉଁଥିରେ କି କବକ ରେଣୁ ଭର୍ତ୍ତି ହୋଇ ରହିଥାଏ । ଦାନା ବଙ୍କା, କୁଜା ଓ ବେରଙ୍ଗି ଦେଖାଯାଏ ।

## (୬) ସାଆରା ରୋଗ

ଧାନ କେଣ୍ଡାରେ ଏହି ରୋଗ ଦେଖାଯାଏ । କେଣ୍ଡାରେ ଅଳ୍ପ କେତୋଟି ଧାନ ଏହି ରୋଗରେ ସଂକ୍ରମିତ ହୋଇଥାଏ । ଦାନା ପାଚିବା ଆରମ୍ଭ ହେଲେ ଲକ୍ଷଣ ଦେଖାଯାଏ । କେଣ୍ଡାର ଦାନା ମେଞ୍ଚାଏ ରେଣୁରେ ପରିଣତ ହୋଇଥାଏ । ଏହି ରେଣୁର ବାହାର ପଟ ରଙ୍ଗ ଶାଗୁଆ ଓ ଭିତର ପଟର ରଙ୍ଗ ହଳଦିଆ ନାରଙ୍ଗୀ ହୋଇଥାଏ ।





## (୭) ମୂଳ ସଢ଼ା ରୋଗ

ଏହା ଏକ କବକ ଜନିତ ରୋଗ । ତଳି କିଆରୀରୁ ଆରମ୍ଭ କରି ଧାନ ଫୁଲ ଉଡ଼ାଇବା ସମୟ ମଧ୍ୟରେ ଏହି ରୋଗ ବିଶେଷ ଭାବେ ଦେଖାଯାଇଥାଏ । ତଳି କିଆରୀରେ ଏହି ରୋଗ ଦେଖାଗଲେ ରୋଗାକ୍ରାନ୍ତ ଗଛଗୁଡ଼ିକ ହଳଦିଆ ପଡ଼ି ମରିଯାଆନ୍ତି । ଧାନ ରୋଇବା ପରେ ରୋଗାକ୍ରାନ୍ତ ଗଛଗୁଡ଼ିକ ଦବିଯାଇ ସରୁଆ ଓ ଡେଙ୍ଗା ଡେଙ୍ଗା ହୋଇଯାଏ ଏବଂ ହଳଦିଆ ପଡ଼ିଯାଏ । ରୋଗାକ୍ରାନ୍ତ ଗଛର ମୂଳ ସଢ଼ିଯାଏ ଓ ଗଛ ଉପାଡ଼ି ଦେଖିଲେ ଚେରଗୁଡ଼ିକ ପଚି କଳା ଦିଶେ । ଯେଉଁ ଆକ୍ରାନ୍ତ ଗଛଗୁଡ଼ିକ ଧାନ ପାଚିବା ପର୍ଯ୍ୟନ୍ତ ବଞ୍ଚି ରହନ୍ତି ସେଗୁଡ଼ିକରୁ ଅଗାଡ଼ିଆ କେଣ୍ଡା ବାହାରିଥାଏ ।





# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ପୋକ)

| ପୋକର ନାମ | ରାସାୟନିକ ବିଷ | ମାତ୍ରା (ହେକ୍ଟର ପିଛା) |
|---|---|---|
| ଲେଡ଼ା | କ୍ଲୋରପାଇରିଫସ୍ ୫୦ + ସାଇପରମେଥ୍ରିନ୍ ୫ ଇ.ସି. | ୧ ଲିଟର |
| | ଟ୍ରାଇଆଯୋଫସ୍ ୪୦ ଇ.ସି. | ୭୫୦ ମି.ଲି. |
| | କ୍ଲୋରପାଇରିଫସ୍ ୨୦ ଇ.ସି. | ୧ ଲିଟର |
| | ସାଇପରମେଥ୍ରିନ୍ ୧୦ ଇ.ସି. | ୧ ଲିଟର |
| | ଏମାମେକ୍ଟିନ୍ ବେଞ୍ଜଏଟ୍ ୫ ଏସ୍.ଜି. | ୨୦୦ ଗ୍ରାମ୍ |
| | କ୍ଲୋରପାଇରିଫସ୍ ୧.୫ ଡି.ପି. | ୨୫ କି.ଗ୍ରା. |
| | କ୍ଲୋରପାଇରିଫସ୍ ୧୦ ଜି. | ୨୫ କି.ଗ୍ରା. |
| | ଡାଇକ୍ଲୋରୋଭସ୍ ୭୬ ଇ.ସି. | ୪୦୦ମି.ଲି. |
| ମାଟିଆଗୁଣ୍ଡି/ ପତ୍ରଡିଆଁ | ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. | ୧୨୫ ମି.ଲି. |
| | ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲୁ.ଜି. | ୭୫ ଗ୍ରାମ୍ |
| | ଏସିଟାମିପ୍ରିଡ୍ ୨୦ ଏସ୍.ପି. | ୧୦୦ ଗ୍ରାମ୍ |
| | ଏସିଫେଟ୍ ୭୫ ଏସ୍.ପି. | ୧ କି.ଗ୍ରା. |
| | ଥାୟୋମେଥୋକ୍ସାମ୍ ୨୫ ଡବ୍ଲୁ.ଜି. | ୧୦୦ ଗ୍ରାମ୍ |
| | ବୁପ୍ରୋଫେଜିନ୍୨୫ ଏସ୍.ସି. | ୧ ଲିଟର |
| କାଣ୍ଡବିନ୍ଧା / କାହାଲିଆ | କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍.ପି. | ୭୫୦ ଗ୍ରାମ୍ |
| | କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୪ ଜି. | ୨୫ କି.ଗ୍ରା. |
| | କ୍ୱିନ୍ଆଲଫସ୍ ୨୫ଇ.ସି. | ୧ ଲିଟର |
| | କ୍ଲୋରପାଇରିଫସ୍ ୨୦ ଇ.ସି. | ୧ ଲିଟର |
| | କ୍ଲୋରପାଇରିଫସ୍ ୧୦ଜି. | ୨୫ କି.ଗ୍ରା. |

| | | |
|---|---|---|
| କାଣ୍ଡବିନ୍ଧା / କାହାଳିଆ | କ୍ଲୋରାଣ୍ଟ୍ରାନିଲିପଲ ୧୮.୫ ଏସ୍.ସି. | ୧୫୦ ମି.ଲି. |
| | ଟ୍ରାଇଆଜୋଫସ୍ ୪୦ଇ.ସି. | ୭୫୦ ମି.ଲି. |
| ପତ୍ରମୋଡ଼ା / ନଳୀ / ବିରିହା | ଥାୟୋମେଥୋକ୍ସାମ୍ ୨୫ ଡବ୍ଲୁ.ଜି | ୧୦୦ ଗ୍ରାମ୍ |
| | ଫସ୍‌ଫାମିଡନ୍ ୪୦ ଏସ୍.ଏଲ୍. | ୧ ଲିଟର |
| | ଫିପ୍ରୋନିଲ ୩ ଜି. | ୨୫ କି.ଗ୍ରା. |
| | ଫ୍ଲୁବେଣ୍ଡିଆମାଇଟ୍ ୨୦ ଡବ୍ଲୁ.ଜି. | ୨୦୦ ଗ୍ରାମ୍ |
| | ଲାମ୍ବଡା ସାଇହାଲୋଥ୍ରିନ୍ ୨.୫ ଇ.ସି. | ୧ ଲିଟର |
| | ଏସିଫେଟ୍ ୫୦+ ଇମିଡାକ୍ଲୋପ୍ରିଡ ୧.୮ ଏସ୍.ପି. | ୧ କି.ଗ୍ରା. |
| ଦହିଆ ଗନ୍ଧି | ମିଥାଇଲ ଅକ୍ସିଡେମିଟନ୍ ୨୦ ଇ.ସି. | ୧ ଲିଟର |
| | ଡାଇମିଥୋଏଟ୍ ୩୦ ଇ.ସି. | ୧ ଲିଟର |
| | ମାଲାଥିଅନ୍ ୫୦ ଇ.ସି. | ୧.୨୫ ଲିଟର |
| | କାର୍ବାରିଲ୍ ୫୦ ଇ.ସି. | ୧.୫ କି.ଗ୍ରା. |

# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ରୋଗ)

| ରୋଗର ନାମ | ରାସାୟନିକ ବିଷ | ମାତ୍ରା (ହେକ୍ଟର ପିଛା) |
|---|---|---|
| ମହିଷା | କାର୍ବେଣ୍ଡାଜିମ୍ ୧୨ + ମାଙ୍କୋଜେବ୍ ୬୩ ଡବ୍ଲୁ.ପି. | ୫୦୦ ଗ୍ରାମ୍ |
| | କାସୁଗାମାଇସିନ୍ ୩ ଏସ୍.ଏଲ୍. | ୫୦୦ ମି.ଲି. |
| | କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. | ୭୫୦ ଗ୍ରାମ୍ |
| | କାର୍ପୋପାମିଡ୍ ୨୭.୮ଏସ୍.ସି. | ୫୦ ମି.ଲି. |
| | କ୍ରେସକ୍ସିମିଥାଇଲ୍ ୪୪.୩ ଏସ୍.ସି. | ୫୦୦ ମି.ଲି. |
| | ଟେବୁକୋନଜଲ ୨୫.୯ ଇ.ସି. | ୫୦୦ ମି.ଲି. |
| | ଟ୍ରାଇସାଇକ୍ଲଜଲ ୭୫ ଡବ୍ଲୁ.ପି. | ୬୦୦ ଗ୍ରାମ୍ |
| ପତ୍ରଛାଦ ପୋଡ଼ା | କାର୍ବେଣ୍ଡାଜିମ୍ ୫୦ଡବ୍ଲୁ.ପି. | ୭୫୦ ଗ୍ରାମ୍ |
| | କାପ୍ଟାନ୍ ୫୦ ଡବ୍ଲୁ.ପି. | ୨.୫ କି.ଗ୍ରା. |
| | କ୍ରେସକ୍ସିମିଥାଇଲ୍ ୪୪.୩ ଏସ୍.ସି. | ୫୦୦ ମି.ଲି. |
| | ଟେବୁକନାଜଲ୍ ୨୫.୯ ଇ.ସି. | ୫୦୦ ମି.ଲି |
| | ପେନସାଇକୁରନ ୨୨.୯ ଏସ୍.ସି. | ୬୦୦ ମି.ଲି. |
| | ଭାଲିଡାମାଇସିନ୍ ୩ ଏଲ୍ | ୧ ଲିଟର |
| | କାର୍ବୋକ୍ସିନ୍ ୩୭.୫+ ଥିରାମ୍ ୩୭.୫ ଡି.ଏସ୍. | ୧ କି.ଗ୍ରା. ବିହନ ପ୍ରତି ୨ - ୩ ଗ୍ରାମ୍ |
| ସାଆରା | କାପ୍ଟାନ୍ ୫୦ ଡବ୍ଲୁ.ପି. | ୨.୫ କି.ଗ୍ରା. |
| | କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. | ୭୫୦ ଗ୍ରାମ୍ |
| ପତ୍ରଦାଗ | ମାଙ୍କୋଜେବ୍ ୭୫ ଡବ୍ଲୁ.ପି. | ୧ କି.ଗ୍ରା. |
| | ହେକ୍ସାକନାଜୋଲ୍ ୫ ଇ.ସି. | ୫୦୦ ମି.ଲି. |
| ମୂଳସଢ଼ା | ମେଟାଲାକ୍ସିଲ୍ ୩୫ ଡବ୍ଲୁ.ଏସ୍. | ୫୦୦ ଗ୍ରାମ୍ |
| | ମେଟାଲାକ୍ସିଲ୍ ୮ + ମାଙ୍କୋଜେବ୍ ୬୪ ଡବ୍ଲୁ.ପି. | ୧ କି.ଗ୍ରା. |
| ପତ୍ରପୋଡ଼ା | ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ ୯୦ + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ ୧୦ | ୫୦ ଗ୍ରାମ୍ |
| | ଷ୍ଟ୍ରେପ୍ଟୋମାଇସିନ୍ ୯ + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ ୧ + ଭିଟାମିନ୍ ବି - ୧୨ | ୨୫୦ ଗ୍ରାମ୍ |

# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ତୃଣକ)

| ଫସଲର ପ୍ରକାର | ତୃଣନାଶକ | ମାତ୍ରା (ହେକ୍ଟର ପିଛା) | ସମୟ |
|---|---|---|---|
| ଉଚ୍ଚ ଜମି | ବ୍ୟୁଟାକ୍ଲର ୫୦ ଇ.ସି. | ୨ - ୩ ଲିଟର | ବୁଣିବାର ୧ ରୁ ୨ ଦିନ ମଧ୍ୟରେ |
| | ଆନିଲୋଫସ୍ ୩୦ ଇ.ସି. | ୧ - ୧.୫ ଲିଟର | ,, |
| | ଅକ୍ସିଫ୍ଲୁରୋଫେନ୍ ୨୩.୫ ଇ.ସି. | ୧ ଲିଟର | ,, |
| ମଝିଆଳି ଜମି | ଅକ୍ସାଡାୟାଗ୍ରିଲ୍୮୦ ଡବ୍ଲୁ.ପି. | ୯୦ଗ୍ରାମ୍ | ରୋଇବାର ୩ ଦିନ ମଧ୍ୟରେ |
| | ବିସ୍‌ପାରିବେକ୍ ସୋଡିୟମ୍ ୧୦ ଏସ୍.ସି. | ୨୦୦ଗ୍ରାମ୍ | ୦-୩୦ ଦିନ ମଧ୍ୟରେ |
| | ଆନିଲୋଫସ୍ ୩୦ ଇ.ସି. | ୧ - ୧.୫ ଲିଟର | ବୁଣିବାର ୧ ରୁ ୨ ଦିନ ମଧ୍ୟରେ |
| | ଅକ୍ସିଫ୍ଲୁରୋଫେନ୍ ୨୩.୫ ଇ.ସି. | ୧ ଲିଟର | ,, |
| | ପ୍ରିଟିଲାକ୍ଲୋର ୫୦ ଇ.ସି. | ୧ - ୧.୫ ଲିଟର | ,, ରୋଇବାର ୩ ଦିନ ମଧ୍ୟରେ |
| ଖାଲ ଜମି | ଅକ୍ସାଡାୟାଗ୍ରିଲ୍୮୦ ଡବ୍ଲୁ.ପି. | ୯୦ଗ୍ରାମ୍ | ରୋଇବାର ୩ ଦିନ ମଧ୍ୟରେ |
| | ପାଇରାଜୋସଲଫ୍ୟୁରନ୍ ଇଥାଇଲ୍ ୧୦ ଏସ୍.ସି. | ୨୦୦ମି.ଲି. | ୦-୩୦ ଦିନ ମଧ୍ୟରେ |
| | ମେଟ୍‌ସଲଫ୍ୟୁରନ୍ ମିଥାଇଲ୍ + କ୍ଲୋରମ୍ୟୁରନ୍ ମିଥାଇଲ୍ ୧୦ ଡବ୍ଲୁ.ପି. | ୨୦ଗ୍ରାମ୍ | ରୋଇବାର ୩ ଦିନ ପରେ |
| | ଆନିଲୋଫସ୍ ୩୦ ଇ.ସି. | ୧ - ୧.୫ ଲିଟର | ବୁଣିବାର ୧ ରୁ ୨ ଦିନ ମଧ୍ୟରେ |
| | ଅକ୍ସିଫ୍ଲୁରୋଫେନ୍ ୨୩.୫ ଇ.ସି. | ୧ ଲିଟର | ,, |
| | ପ୍ରିଟିଲାକ୍ଲୋର ୫୦ ଇ.ସି. | ୧ - ୧.୫ ଲିଟର | ,, ରୋଇବାର ୩ ଦିନ ମଧ୍ୟରେ |
| କାଦୁଅରେ ଅଙ୍କୁରା ବୁଣା | ବ୍ୟୁଟାକ୍ଲୋର ୫୦ ଇ.ସି. | ୨ - ୩ ଲିଟର | ବୁଣିବାର ୪ ରୁ ୫ ଦିନ ମଧ୍ୟରେ |

# ଧାନ ଫସଲର ଅନିଷ୍ଟକାରୀ କୀଟ



କାଣ୍ଡବିନ୍ଧା ପୋକ



ମାଟିଆଗୁଣ୍ଡି ପୋକ



ପତ୍ରଡିଆଁ (ଦିଆଲି) ପୋକ



ପତ୍ରମୋଡ଼ା ପୋକ



କାହାଲିଆ ପୋକ



ଗନ୍ଧି ପୋକ



କେଣ୍ଡାକଟା ପୋକ



ଲେଦ଼ା ପୋକ

# ଧାନ ଫସଲର ମୁଖ୍ୟ ରୋଗ



ବୀଜାଣୁ
ପତ୍ରପୋଡା ରୋଗ



ମହିଷା ରୋଗ



ପତ୍ରାଚ୍ଛାଦ ପୋଡ଼ାରୋଗ



ପତ୍ରାଚ୍ଛାଦ ସଢ଼ାରୋଗ



ବୀଜାଣୁ
ପତ୍ରଦାଗ ରୋଗ



ପତ୍ରଚିତା ରୋଗ



ସାଆାରା ରୋଗ



ଘାସୁଆ ଗୁଡ଼ି ରୋଗ

ବିଭିନ୍ନ କୃଷିଜାତ ସାମଗ୍ରୀର
ବିକ୍ରିବଟା ପାଇଁ ୦୬୭୪-୬୫୧୫୧୫୧
ଓ କିଣିବା ପାଇଁ ୦୬୭୪-୬୫୩୫୩୫୩
ନମ୍ବରକୁ ଫୋନ୍ କରନ୍ତୁ।

ଫସଲରେ ରୋଗ ପୋକ ଲାଗିଲେ ପରାମର୍ଶ ପାଇଁ
୦୬୭୪-୬୫୩୦୬୫୩ ନମ୍ବରକୁ
ଫୋନ୍ କରନ୍ତୁ।

Printed by Agriculture Information Wing,
Odisha, Bhubaneswar